# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 5 May - 2025

*********************************

## ମୁଖ୍ୟ ସମ୍ବାଦ

- ଦୀଘା ଶ୍ରୀଜଗନ୍ନାଥ ମନ୍ଦିର ପ୍ରସଙ୍ଗରେ 'ଧାମ ଏବଂ ମହୋଦଧି' ଶବ୍ଦକୁ ବ୍ୟବହାର ନ କରିବା ପାଇଁ ପଶ୍ଚିମବଙ୍ଗ ସରକାରଙ୍କୁ ଆଇନ ବିଭାଗ ପକ୍ଷରୁ ଲେଖାଯିବ ଚିଠି
- ମ୍ୟାଟ୍ରିକ ପରୀକ୍ଷାଖାତା ପୁନଃଯାଞ୍ଚ ନିମନ୍ତେ ଆବେଦନ ପ୍ରକ୍ରିୟା ଆଜିଠାରୁ ହେଲା ଆରମ୍ଭ
- ମହାନ ବିପ୍ଳବୀ ବୀର ଧରଣୀଧର ନାୟକଙ୍କ ୧୬୧ ତମ ଜୟନ୍ତୀ ଅବସରରେ ରାଜ୍ୟବାସୀ ଦେଲେ ଶ୍ରଦ୍ଧାଞ୍ଜଳି

ଏବଂ

- କାଳବୈଶାଖୀ ଏବଂ ଝଡ଼ତୋଫାନ ଆଶଙ୍କାକୁ ନେଇ୯ଟି ଜିଲ୍ଲାକୁ ପାଣିପାଗ ବିଭାଗ ପକ୍ଷରୁ ସତର୍କ ସୂଚନା

# ଆଇନମନ୍ତ୍ରୀ- ଜଗନ୍ନାଥ ମନ୍ଦିର ବିବାଦ

ଦୀଘା ଶ୍ରୀଜଗନ୍ନାଥ ମନ୍ଦିର ବିବାଦ ନେଇ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଅଧ୍ୟକ୍ଷତାରେ ଗୁରୁତ୍ୱପୂର୍ଣ୍ଣ ବୈଠକ ଭୁବନେଶ୍ୱରଠାରେ ଶେଷ ହୋଇଛି। ବୈଠକରେ ଶ୍ରୀମନ୍ଦିର ମୂଖ୍ୟ ପ୍ରଶାସକ ଅରବିନ୍ଦ ପାଢୀ ପ୍ରାଥମିକ ରିପୋର୍ଟ ପ୍ରଦାନ କରିଛନ୍ତି। ବୈଠକ ଶେଷ ପରେ ଆଇନମନ୍ତ୍ରୀ ଶ୍ରୀ ହରିଚନ୍ଦନ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି,

**- V/O -**

ଦୀଘା ଶ୍ରୀଜଗନ୍ନାଥ ମନ୍ଦିର ପ୍ରତିଷ୍ଠାରେ ପୁରୀ ଶ୍ରୀମନ୍ଦିର ସେବାୟତଙ୍କ ସମ୍ପୃକ୍ତି ସଂକ୍ରାନ୍ତ ଅଭିଯୋଗକୁ ନେଇ ଗତକାଲି ଦୁଇଟି ପର୍ଯ୍ୟାୟରେ ଶ୍ରୀମନ୍ଦିର କାର୍ଯ୍ୟାଳୟରେ ବୈଠକ ଅନୁଷ୍ଠିତ ହୋଇଛି। ବୈଠକ ପରେ ଦଇତାପତି ନିଯୋଗର ସମ୍ପାଦକ' ରାମକୃଷ୍ଣ ଦାସ ମହାପାତ୍ରଙ୍କୁ ଏ ସମ୍ବନ୍ଧରେ ୭ ଦିନ ମଧ୍ୟରେ କୈଫିୟତ୍ ଦେବାପାଇଁ କୁହାଯାଇଛି । ପୂର୍ବରୁ ଦଇତାପତି ନିଯୋଗର ସଭାପତି ଓ ସମ୍ପାଦକ ଉଭୟ ମୁଖ୍ୟ ପ୍ରଶାସକଙ୍କୁ ଭେଟି ଲିଖିତ ଭାବେ ନିଜର ମତାମତ ଜଣାଇଥିଲେ । ବୈଠକର ଦ୍ୱିତୀୟ ପର୍ଯ୍ୟାୟରେ ଦେଉଳ କମାଣ୍ଡର, ସୁପରଭାଇଜର ଏବଂ ଶ୍ରୀମନ୍ଦିର ଦାୟିତ୍ୱରେ ଥିବା ସ୍ୱତନ୍ତ୍ର ଅଧିକାରୀଙ୍କ ସହ ମୁଖ୍ୟ ପ୍ରଶାସକ ବୈଠକ ହୋଇଥିଲା । ଏଥିରେ ଶ୍ରୀମନ୍ଦିରର ନବକଳେବର ସମୟରେ ବଳକା ଦାରୁ ସମ୍ପର୍କରେ ଆଲୋଚନା କରାଯାଇଥିଲା।

ସୂଚନାଯୋଗ୍ୟ, ଗତକାଲି ପ୍ରଥମ ପର୍ଯ୍ୟାୟରେ ଦେଉଳକରଣ, ଚଢ଼ାଉକରଣ, ପାଟଯୋଶୀ ମହାପାତ୍ରଙ୍କ ସହ ଆଲୋଚନା ପରେ ଦ୍ୱିତୀୟ ପର୍ଯ୍ୟାୟରେ ତିନି ବାଡ଼ଗ୍ରାହୀ ଓ ତୃତୀୟ ପର୍ଯ୍ୟାୟରେ ତିନି ବିଶ୍ୱକର୍ମା ମହାରଣାଙ୍କ ସହ ଆଲୋଚନା ହୋଇଥିଲା।

***Desk***

# ମାଟ୍ରିକ ପରୀକ୍ଷା ଖାତା ପୁନଃ ଯାଞ୍ଚ

ଚଳିତବର୍ଷର ମାଟ୍ରିକ ପରୀକ୍ଷା ଖାତା ପୁନଃ ଯାଞ୍ଚ ନିମନ୍ତେ ଆବେଦନ ପ୍ରକ୍ରିୟା ଆଜିଠାରୁ ଆରମ୍ଭ ହୋଇଛି। ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ଉଭୟ ସବ୍‌ଜେକ୍ଟିଭ୍ ଏବଂ ଅବ୍‌ଜେକ୍ଟିଭ୍ ଉତ୍ତରଖାତା ପାଇଁ ବୋର୍ଡ ୱେବ୍‌ସାଇଟ୍‌ରେ ଅନ୍‌ଲାଇନ୍ ମାଧ୍ୟମରେ ଆବେଦନ କରାଯାଇପାରିବ । ଆବେଦନ କରିବାର ଶେଷ ତାରିଖ ଆସନ୍ତା ୧୬ ତାରିଖକୁ ଧାର୍ଯ୍ୟ ହୋଇଛି । ସେହିଭଳି ମଧ୍ୟମା, ସଂସ୍କୃତ ପରୀକ୍ଷା ଏବଂ ଓଡ଼ିଶା ରାଜ୍ୟ ମୁକ୍ତ ବିଦ୍ୟାଳୟ ପରୀକ୍ଷା ଦେଇଥିବା ଛାତ୍ରଛାତ୍ରୀ ମଧ୍ୟ ପୁନଃ ଯାଞ୍ଚ ପାଇଁ ଅଫ୍‌ଲାଇନ୍ ମାଧ୍ୟମରେ ଆଜିଠାରୁ ଆବେଦନ କରିପାରିବେ ।

# ୱେଭ୍ସ ଉଦ୍‌ଯାପିତ

ମୁମ୍ବାଇରେ ଜିଓ ୱାର୍ଲ୍ଡ କନ୍‌ଭେନସନ ସେଣ୍ଟରଠାରେ ଆୟୋଜିତ ପ୍ରଥମ ବିଶ୍ୱ ଦୃଶ୍ୟ, ସ୍ରାବ୍ୟ ଓ ମନୋରଞ୍ଜନ ଶିଖର ସମ୍ମିଳନୀ ୱେଭ୍ସ-୨୦୨୫ ଗତସଂଧ୍ୟାରେ ଉଦ୍‌ଯାପିତ ହୋଇଛି । ୪ ଦିନ ଧରି ଅନୁଷ୍ଠିତ ଏହି ସମ୍ମିଳନୀକୁ ଗତ ଗୁରୁବାର ଦିନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଉଦ୍‌ଘାଟନ କରିଥିଲେ । ଏଥିରେ ୯୦ରୁ ଊର୍ଦ୍ଧ୍ୱ ରାଷ୍ଟ୍ରର ୧୦ହଜାରରୁ ଊର୍ଦ୍ଧ୍ୱ ପ୍ରତିନିଧି ଯୋଗ ଦେଇଥିଲେ । ଗଣମାଧ୍ୟମ ଏବଂ ମନୋରଞ୍ଜନ କ୍ଷେତ୍ରର ନିର୍ମାତା, ଅଂଶୀଦାର, ନୀତି ନିର୍ଦ୍ଧାରକ ଏବଂ ନିବେଶକଙ୍କୁ ଏହି ସମ୍ମିଳନୀ ଏକ ବିଶ୍ୱସ୍ତରୀୟ ମଞ୍ଚ ପ୍ରଦାନ କରିଛି । ଏହି ଅବସରରେ ଦେଶର ଷ୍ଟାର୍ଟଅପ୍ କ୍ଷେତ୍ରକୁ ଗତିଶୀଳ କରିବା ଲକ୍ଷ୍ୟନେଇ କେତେକ ଆନ୍ତର୍ଜାତିକ କମ୍ପାନୀ ସହ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି । ୱେଭ୍ସ ବଜାର ମାଧ୍ୟମରେ ଏକହଜାର ୩୦୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର କାରବାର ନେଇ ବୁଝାମଣା ହୋଇଥିବା ଜଣାପଡିଛି । ଏହି ଅବସରରେ ପ୍ରସ୍ତୁତ ୱେଭ୍ସ ରାଜିନାମାରେ ୭୭ଟି ରାଷ୍ଟ୍ରର ପ୍ରତିନିଧି ସ୍ୱାକ୍ଷର କରିଛନ୍ତି ।

ଏହି ସମ୍ମିଳନୀରେ ଯୁବ ପ୍ରତିଭାମାନଙ୍କୁ ନିଜ ସୃଜନଶୀଳତା ପ୍ରଦର୍ଶନ ନିମନ୍ତେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଆନିମେଶନ ଚଳଚ୍ଚିତ୍ର ନିର୍ମାତା ପ୍ରତିଯୋଗିତାର ଫାଇନାଲରେ ସମଗ୍ର ଦେଶରୁ ୪୨

ପ୍ରତିଭାଶାଳୀ ପ୍ରତିଯୋଗୀଙ୍କୁ ଚୟନ କରାଯାଇଥିଲା । ଓଡ଼ିଶାରୁ ଦୁଇ ଜଣ ପ୍ରତିଯୋଗୀ ଫାଇନାଲରେ ପ୍ରବେଶ କରିଥିଲେ । ଯାଜପୁର ଜିଲ୍ଲା ଜାରକା ଅଞ୍ଚଳର ଭାଗ୍ୟଶ୍ରୀ ଶତପଥୀ' ପାଶା ପାଇଁ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି । ଏ ସମ୍ପର୍କରେ ଭାଗ୍ୟଶ୍ରୀ ଆକାଶବାଣୀକୁ କହନ୍ତି...

**- V/O –**

***Desk***

# ଧରଣୀଧର ନାୟକଙ୍କ ଜୟନ୍ତୀ

ବିପ୍ଳବୀବୀର ଧରଣୀଧର ନାୟକଙ୍କ ୧୬୧ତମ ଜୟନ୍ତୀ ଅବସରରେ ରାଜ୍ୟବାସୀ ତାଙ୍କର ଅମ୍ଲାନ ସ୍ମୃତିପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି । ୧୮୬୪ ମସିହା ମାର୍ଚ୍ଚ ୫ ତାରିଖ କେନ୍ଦୁଝରଗଡ଼ର କୁସୁମିତା ଗାଁର ଏକ ଭୂୟାଁ ପରିବାରରେ ଧରଣୀଧର ଜନ୍ମଗ୍ରହଣ କରିଥିଲେ । ଇଂରେଜ ଶାସକଙ୍କ ବିରୁଦ୍ଧରେ ବିଭିନ୍ନ ବିପ୍ଳବାତ୍ମକ ପନ୍ଥା ଗ୍ରହଣ କରିଥିଲେ । ୧୮୯୧ ମସିହାରେ ଇଂରେଜ ସରକାରଙ୍କ ବିରୋଧରେ ସଂଗଠିତ ଧରଣୀ ମେଳି ଓଡ଼ିଶାର ଇତିହାସରେ ଲିପିବଦ୍ଧ ହୋଇଅଛି । ଏହି ମହାନ ବିପ୍ଳବୀଙ୍କର ମହତ ଆଦର୍ଶ ସର୍ବଦା ଚିରସ୍ମରଣୀୟ ହୋଇ ଓଡ଼ିଆ ଜାତିକୁ ପ୍ରେରଣା ଯୋଗାଉଛି ।

ବିପ୍ଳବୀ ଧରଣୀଧର ନାୟକଙ୍କ ଜୟନ୍ତୀ ବିଧାନସଭାଠାରେ ପାଳିତ ହୋଇଯାଇଛି । ବିଧାନସଭା ମୁଖ୍ୟ ଫାଟକ ନିକଟରେ ବିପ୍ଳବୀଙ୍କ

ପ୍ରତିମୂର୍ତ୍ତିରେ ଆଜି ପୂର୍ବାହ୍ନରେ ବାଚସ୍ପତି ସୁରମା ପାଢ଼ୀ, ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବି ନାରାୟଣ ନାଏକ ଏବଂ ଅନ୍ୟ ବିଶିଷ୍ଟ ଅତିଥିମାନେ ମାଲ୍ୟାର୍ପଣ କରିଛନ୍ତି ।

ଏହି ଅବସରରେ ଭୁବନେଶ୍ୱର ଇ.ଏସ୍.ଆଇ. ହସ୍ପିଟାଲ ଛକସ୍ଥିତ ତାଙ୍କ ପ୍ରତିମୂର୍ତ୍ତିରେ ପଞ୍ଚାୟତିରାଜ ଓ ପାନୀୟଜଳ, ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବି ନାରାୟଣ ନାୟକ ମାଲ୍ୟାର୍ପଣ କରିବା ସହ ସ୍ମୃତିଚାରଣ କରିଥିଲେ।

ଆଜି ମଧ୍ୟ ଅଲଚିକି ଲିପିର ଜନକ ତଥା ସାନ୍ତାଳୀ ଭାଷାର ମହାନ୍ ସାହିତ୍ୟିକ, ଗୁରୁ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ଜୟନ୍ତୀ ପାଳନ କରାଯାଉଛି ।

***Puri***

## ଶ୍ରୀମନ୍ଦିର- ରଥ ନିର୍ମାଣ

ପୁରୀ ଶ୍ରୀମନ୍ଦିର ସମ୍ମୁଖ ରଥଖଳାରେ ରଥ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ଆଜି ନିର୍ମାଣ କାର୍ଯ୍ୟରେ ୪୨ଟି ତୁମ୍ବ ଗୋଲେଇ କାମ ସରିଥିବା ବେଳେ ରଥଖଳାରେ ତୁମ୍ବରେ ସୂତାବାଡ଼ିଆ କାର୍ଯ୍ୟ ଆରମ୍ଭ ହୋଇଛି। ସୂତାବାଡ଼ିଆ କାର୍ଯ୍ୟ ଶେଷ ହେବାପରେ ବିନ୍ଧ ଖୋଦେଇ କାମ କରାଯିବ। ପହି ମହାରଣା ଓ ସୂତାର ମହାରଣାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସୂତାବାଡ଼ିଆ ପରେ ତୁମ୍ବର ବଳକା ଅଂଶର ଠେକ ତୁଲିଆ କାର୍ଯ୍ୟ କରାଯିବ। ଦୋଳବେଦୀ କୋଣଠାରେ ଅସ୍ଥାୟୀ କମାରଶାଳାରେ ଓଝା ସେବକମାନେ ଅରକଣ୍ଟା ଓ ପଦ୍ମାରି ନିର୍ମାଣ କାର୍ଯ୍ୟ କରୁଛନ୍ତି। ଚକରେ ୧୬ଟି ଅର ବା ସ୍ପୋକ୍ ଲାଗିବା ସହ ଗୋଟିଏ ଚକ ପାଇଁ ୩୨ଟି

ଅରକଣ୍ଟାର ଆବଶ୍ୟକତା ରହିଛି । ତିନିରଥର ୪୨ଟି ଚକ ପାଇଁ ମୋଟ ୧ ହଜାର ୩୪୪ଟି ଅରକଣ୍ଟା ପ୍ରସ୍ତୁତ କରାଯାଉଛି ।

***Desk***

# ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ବନ୍ଦ

ଗ୍ରୀଷ୍ମ ପ୍ରକୋପକୁ ଦୃଷ୍ଟିରେ ରଖି ଆଜି ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ବନ୍ଦ ରହିଛି । ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ଏହି ସୂଚନା ଦିଆଯାଇଛି । ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ଗଣମାଧ୍ୟମ ଜରିଆରେ ସୂଚାଇ ଦିଆଯିବ ବୋଲି ବିଭାଗ କହିଛି ।

***Sonepur/BHK/Nuapada***

## ଜନ ଅଭିଯୋଗ ଶୁଣାଣି

ରାଜ୍ୟର ବିଭିନ୍ନ ସ୍ଥାନରେ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି ।

ଭଦ୍ରକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ଶିବିରରେ ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟ ୧୩୬ଟି ଅଭିଯୋଗର ଶୁଣାଣି କରିଛନ୍ତି । ଅଭିଯୋଗଗୁଡ଼ିକର ତୁରନ୍ତ ସମାଧାନ ପାଇଁ ବିଭାଗୀୟ ଅଧିକାରୀଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି ।

ନୂଆପଡ଼ା ଜିଲ୍ଲାପାଳ ମଧୁସୂଦନ ଦାସ ଓ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଜି.ଆର୍. ରେଡ୍ଡୀ ରାଘବେନ୍ଦ୍ରଙ୍କ ଅଧ୍ୟକ୍ଷତାରେ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ସମସ୍ତ ଅଭିଯୋଗର ଶୁଣାଣି କରି ଆବଶ୍ୟକୀୟ ପଦକ୍ଷେପ ନେବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି ।

ସୁବର୍ଣ୍ଣପୁର ଜିଲ୍ଲାରେ ଜିଲ୍ଲାପାଳ ଅନନ୍ୟା ଦାସ ଓ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ବୀରେନ୍ଦ୍ର କୁମାର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶୁଣାଣି ଶିବିରରେ ୫୭ଟି ଆପତ୍ତି ଅଭିଯୋଗ ଗ୍ରହଣ କରାଯାଇଥିଲା । ଦରଖାସ୍ତଗୁଡ଼ିକୁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ସମାଧାନ କରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି ।

***Desk***

## ପର୍ଯ୍ୟଟନ ମନ୍ତ୍ରୀ

ଓଡ଼ିଶାର ପର୍ଯ୍ୟଟନର ବିକାଶ ପାଇଁ ନିଆଯାଇଥିବା ପଦକ୍ଷେପ ଅନ୍ୟ ରାଜ୍ୟଗୁଡ଼ିକ ପାଇଁ ଅନୁକରଣୀୟ ବୋଲି କେନ୍ଦ୍ର ପର୍ଯ୍ୟଟନ ମନ୍ତ୍ରୀ ଗଜେନ୍ଦ୍ର ସିଂହ ଶେଖାୱତ କହିଛନ୍ତି । ରାଜସ୍ଥାନ ଜୟପୁରଠାରେ ମିଟ୍-ଇନ୍-ଇଣ୍ଡିଆ ସମ୍ମିଳନୀରେ ଯୋଗଦେଇ ମନ୍ତ୍ରୀ ଶ୍ରୀ ଶେଖାୱତ ଓଡ଼ିଶାରେ ପର୍ଯ୍ୟଟନର ବିକାଶ ପାଇଁ ରାଜ୍ୟ ସରକାରଙ୍କ ପଦକ୍ଷେପକୁ ପ୍ରଶଂସା କରିଛନ୍ତି । ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ା ରାଜ୍ୟରେ ପର୍ଯ୍ୟଟନର ସମ୍ଭାବ୍ୟ ବିକାଶ ଓ ଆହ୍ୱାନ ଉପରେ ଆଲୋକପାତ କରିଥିଲେ । ଏହି ଅବସରରେ ରାଜ୍ୟରେ ପର୍ଯ୍ୟଟନର ବିକାଶ ନେଇ

ସରକାରଙ୍କ ପକ୍ଷରୁ ନିଆଯାଇଥିବା ଅଭିନବ ପ୍ରୟାସ ଉପରେ ଉପମୁଖ୍ୟମନ୍ତ୍ରୀ ନିବେଶକଙ୍କ ସହ ମତ ବିନିମୟ କରିଛନ୍ତି ।

***Desk***

## ସାହିତ୍ୟ ଏକାଡେମୀ ଅନୁବାଦ ପୁରସ୍କାର

ଚଳିତବର୍ଷର ସାହିତ୍ୟ ଏକାଡେମୀ ଅନୁବାଦ ପୁରସ୍କାର ପାଇଁ ଓଡ଼ିଆ ସମେତ ୨୪ଟି ଭାଷାରେ ଅନୁବାଦ ପୁସ୍ତକ ଆହ୍ୱାନ କରାଯାଇଛି । ୨୦୧୯ ଜାନୁଆରୀ ପହିଲାରୁ ୩୧ ଡିସେମ୍ବର ୨୦୨୩ ମଧ୍ୟରେ ପ୍ରଥମଥର ପାଇଁ ପ୍ରକାଶିତ ଅନୁବାଦ ପୁସ୍ତକ ଗୁଡ଼ିକୁ ଏଥିପାଇଁ ବିଚାରକୁ ନିଆଯିବ ବୋଲି ଏକାଡେମୀ ପକ୍ଷରୁ କୁହାଯାଇଛି । ଅନୁବାଦକ କିମ୍ବା ପ୍ରକାଶକ ବହିର ଏକକିତା ନକଲ ସହିତ ଆବେଦନପତ୍ର ଆସନ୍ତା ମାସ ୫ ତାରିଖ ସୁଦ୍ଧା ଜମା କରିପାରିବେ ।

***HS***

## ପାଣିପାଗ

ରାଜ୍ୟର କେତେକ ସ୍ଥାନରେ କାଳବୈଶାଖୀ ଜନିତ ବର୍ଷା ହୋଇଯାଇଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ, ଆସନ୍ତା ବୁଧବାର ପର୍ଯ୍ୟନ୍ତ ଏହାର ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଝଡ଼ ତୋଫାନ ଏବଂ କୁଆପଥର ବୃଷ୍ଟି ହେବାର ସମ୍ଭାବନା ରହିଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ୯ଟି ଜିଲ୍ଲାକୁ ଘଡ଼ଘଡ଼ି ସହ ବର୍ଷା

ହେବା ନେଇ ସତର୍କ ସୂଚନା ଜାରି କରାଯାଇଛି । ସେହି ଜିଲ୍ଲାଗୁଡ଼ିକ ହେଲା ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼, ନବରଙ୍ଗପୁର, କୋରାପୁଟ, ମାଲକାନଗିରି ଏବଂ ସମ୍ବଲପୁର ।